# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**23rd January - 2025**

******************************

## ମୁଖ୍ୟ ସମ୍ବାଦ

- ବିକଶିତ ଭାରତ ପାଇଁ ନିରନ୍ତର ଉଦ୍ୟମ ନେତାଜୀଙ୍କ ପ୍ରତି ପ୍ରକୃତ କାର୍ଯ୍ୟାଞ୍ଜଳି ହେବ; ପରାକ୍ରମ ଦିବସ ଅବସରରେ କହିଲେ ପ୍ରଧାନମନ୍ତ୍ରୀ ।

- ନେତାଜୀ ସୁଭାଷ ଚନ୍ଦ୍ର ବୋଷ୍ ଓ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀରେ ରାଜ୍ୟବ୍ୟାପୀ ଶ୍ରଦ୍ଧାଞ୍ଜଳି ଅର୍ପଣ; କଟକରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ ।

- ଆସନ୍ତା ସୋମବାର ଦିନ ବନ୍ଦ ରହିବ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି ।

ଏବଂ

- ହକି ଇଣ୍ଡିଆ ଲିଗ୍‌ର ମହିଳା ବର୍ଗରେ ଓଡ଼ିଶା ୱାରିୟସ୍ ଓ ଦିଲ୍ଲୀ ଏସ୍.ଜି. ପାଇପର୍ସ ମଧ୍ୟରେ ମ୍ୟାଚ୍ ଜାରି ।

*Desk*

# ପରାକ୍ରମ ଦିବସ

ମହାନ ସ୍ୱାଧୀନତା ସଂଗ୍ରାମୀ ତଥା ବିଶିଷ୍ଟ ଜନନାୟକ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ୧୨୮ତମ ଜୟନ୍ତୀକୁ ଆଜି ସମଗ୍ର ଦେଶରେ ପରାକ୍ରମ ଦିବସ ଭାବେ ପାଳନ କରାଯାଉଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ଅବସରରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରି କହିଛନ୍ତି, ଭାରତକୁ ତୃତୀୟ ବୃହତ ଅର୍ଥନୀତିରେ ପରିଣତ କରିବାପାଇଁ ନେତାଜୀଙ୍କର ଆଦର୍ଶ ଅନୁକରଣଯୋଗ୍ୟ । ଗତ ୧୦ ବର୍ଷ ମଧ୍ୟରେ ଦେଶର ୨୫ କୋଟି ନାଗରିକ ଦାରିଦ୍ର୍ୟରୁ ମୁକ୍ତି ପାଇଛନ୍ତି । ବିକଶିତ ଭାରତ ପାଇଁ ନିରନ୍ତର ଉଦ୍ୟମ କଲେ ତାହା ନେତାଜୀଙ୍କ ପ୍ରତି ପ୍ରକୃତ କାର୍ଯ୍ୟାଞ୍ଜଳି ହେବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ନେତାଜୀଙ୍କର ଜନ୍ମଜୟନ୍ତୀ ଅବସରରେ ତାଙ୍କ ଜନ୍ମମାଟି କଟକରେ ପ୍ରଥମ ଥରକରି ପରାକ୍ରମ ଦିବସ ପାଳନ କରାଯାଉଥିବାରୁ ପ୍ରଧାନମନ୍ତ୍ରୀ ରାଜ୍ୟ ସରକାରଙ୍କ ପ୍ରଶଂସା କରିଛନ୍ତି ।

୨୦୪୭ ସୁଦ୍ଧା ଦେଶକୁ ବିକଶିତ ରାଷ୍ଟ୍ରରେ ପରିଣତ କରିବାକୁ ହେଲେ ନେତାଜୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଦେଶବାସୀଙ୍କୁ ନିଷ୍ଠାର ସହ କାର୍ଯ୍ୟ କରିବାକୁ ଶ୍ରୀ ମୋଦି ଆହ୍ୱାନ ଦେଇଛନ୍ତି ।

***Voice :..........***

*Desk*

# ନେତାଜୀ ଜୟନ୍ତୀ - ମୁଖ୍ୟମନ୍ତ୍ରୀ

ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ବିଷୟରେ ଯୁବପିଢ଼ି ବିସ୍ତୃତଭାବେ ଅଧ୍ୟୟନ କରିବାର ଆବଶ୍ୟକତା ରହିଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। କେନ୍ଦ୍ର ସଂସ୍କୃତି ମନ୍ତ୍ରଣାଳୟ ଓ ରାଜ୍ୟ ସରକାରଙ୍କ ମିଳିତ ସହଯୋଗରେ ଆଜି କଟକ ସତ୍ୟବ୍ରତ ଷ୍ଟାଡିୟମ୍‌ରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଯୋଗଦେଇ କହିଛନ୍ତି, ନେତାଜୀଙ୍କ ଜୀବନାଦର୍ଶ, ପରାକଷ୍ଠା ଏବଂ ସମାଜ ମଙ୍ଗଳପାଇଁ ତାଙ୍କ ଦୃଷ୍ଟିକୋଣ ଯୁବଶକ୍ତିକୁ ଏକ ସମୃଦ୍ଧ ଦେଶ ନିର୍ମାଣପାଇଁ ପ୍ରେରଣା ଯୋଗାଇବ ବୋଲି ଶ୍ରୀ ମାଝି କହିଛନ୍ତି ।

ଏହି କାର୍ଯ୍ୟକ୍ରମକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦ୍‌ଘାଟନ କରିଥିଲେ । ଆସନ୍ତା ଶନିବାର ୨୫ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା କାର୍ଯ୍ୟକ୍ରମରେ ନେତାଜୀ ସୁବାଷ ଚନ୍ଦ୍ର ବୋଷଙ୍କ ସମ୍ପର୍କିତ ପୁସ୍ତକ, ଛବି ପ୍ରଦର୍ଶନୀ, ମୂର୍ତ୍ତିଶିଳ୍ପ କର୍ମଶାଳା ଏବଂ ନେତାଜୀଙ୍କ ଜୀବନ ଓ ରାଜ୍ୟର ସାଂସ୍କୃତିକ ଐତିହ୍ୟକୁ କେନ୍ଦ୍ର କରି ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହେଉଛି ।

ଓଡ଼ିଆ ବଜାରରେ ଥିବା ନେତାଜୀ ସ୍ମାରକୀ ପ୍ରତିଷ୍ଠାନ ଓ ବ୍ୟାଖ୍ୟାନ କେନ୍ଦ୍ରକୁ ଜନସାଧାରଣଙ୍କ ପାଇଁ ଆଜିଠାରୁ ଖୋଲାଯାଇଛି। ଆସନ୍ତା ୩୧ ତାରିଖ ପର୍ଯ୍ୟନ୍ତ ଜନସାଧାରଣ ବ୍ୟାଖ୍ୟାନ କେନ୍ଦ୍ରକୁ ନିଃଶୁଳ୍କ ପରିଦର୍ଶନ

କରିପାରିବେ। ରାଜ୍ୟର ବିଭିନ୍ନ ସ୍ଥାନରେ ନେତାଜୀଙ୍କ ଜୟନ୍ତୀ ଅବସରରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହେଉଥିବା ଖବର ଆମ ହସ୍ତଗତ ହେବାରେ ଲାଗିଛି ।

***Sambalpur/R***

## ସୁରେନ୍ଦ୍ର ସାଏ ଜୟନ୍ତୀ

ଭାରତର ସ୍ୱାଧୀନତା ସଂଗ୍ରାମର ମହାନ ବିପ୍ଳବୀ ବୀର ସୁରେନ୍ଦ୍ର ସାଏଙ୍କ ୨୧୭ ତମ ଜୟନ୍ତୀ ଉପଲକ୍ଷେ ଆଜି ରାଜ୍ୟବ୍ୟାପୀ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି । ଏହି ଅବସରରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସୁରେନ୍ଦ୍ର ସାଏଙ୍କ ଜନ୍ମମାଟି ସମ୍ବଲପୁରର ଖିଣ୍ଡାଗ୍ରାମରେ ଆୟୋଜିତ ଉତ୍ସବରେ ଯୋଗଦେବା ସହ ତାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି । ଶ୍ରୀ ପ୍ରଧାନ କହିଛନ୍ତି, ବୀର ସୁରେନ୍ଦ୍ର ସାଏଙ୍କ ଅଦ୍ୱିତୀୟ ନେତୃତ୍ୱ, ତ୍ୟାଗ ଓ ବଳିଦାନକୁ ସମ୍ମାନ ଦେବାପାଇଁ ଖିଣ୍ଡା ଗ୍ରାମକୁ କେନ୍ଦ୍ର, ରାଜ୍ୟ ସରକାର ଓ ଜିଲ୍ଲା ପ୍ରଶାସନ ସହଯୋଗରେ ଆଦର୍ଶ ସମର୍ପଣ ଓ ପ୍ରେରଣାର ତୀର୍ଥସ୍ଥଳ କରାଯିବ । ସୁରେନ୍ଦ୍ର ସାଏଙ୍କ ସ୍ମୃତିରେ ଏକ ପାଣ୍ଠି ଗଠନ କରିବାକୁ କେନ୍ଦ୍ରମନ୍ତ୍ରୀ ପରାମର୍ଶ ଦେଇଛନ୍ତି । ଏହି ଉପଲକ୍ଷେ ଶ୍ରୀ ପ୍ରଧାନ ତ୍ରିରଙ୍ଗା ପଦଯାତ୍ରାରେ ସାମିଲ୍ ହେବା ସହ ସମ୍ବଲପୁର ଜିଲ୍ଲାରବିଭିନ୍ନ ସ୍ଥାନରେ ମହାତ୍ମାଗାନ୍ଧି, ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଓ ବୀର ସୁରେନ୍ଦ୍ର ସାଏଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।

*BBSR/R*

# ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ବନ୍ଦ

ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି ଆସନ୍ତା ସୋମବାର ୨୭ ତାରିଖ ଦିନ ବନ୍ଦ ରହିବ । ମୁଖ୍ୟମନ୍ତ୍ରୀଙ୍କ କେତେକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଥିବାରୁ ଭୁବନେଶ୍ୱରସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଶୁଣାଣି ବନ୍ଦ ରହିବ ବୋଲି ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

*Nuapada/R*

# ଡି.ଜି.ପି. - ନୂଆପଡ଼ା ଗସ୍ତ

ପୁଲିସ୍ ମହାନିର୍ଦ୍ଦେଶକ ଓ୍ୱାଇ. ବି. ଖୁରାନିଆ ନୂଆପଡ଼ା ଜିଲ୍ଲାକୁ ଦୁଇଦିନିଆ ଗସ୍ତରେ ଯାଇ ସୀମାନ୍ତରେ ସୁରକ୍ଷା ବ୍ୟବସ୍ଥାର ସମୀକ୍ଷା କରିଛନ୍ତି । ଏହି ଅବସରରେ ଶ୍ରୀ ଖୁରାନିଆ ସୀମାନ୍ତ ଅଞ୍ଚଳରେ ମାଓବାଦୀଙ୍କ ଗତିବିଧି ନିରୀକ୍ଷଣ କରିବାକୁ ପାଗାରପାଣିଠାରେ ଏକ ସି.ଆର୍.ପି.ଏଫ୍. କ୍ୟାମ୍ପ୍ ସ୍ଥାପନ ନେଇ ସ୍ଥାନ ନିରୂପଣ କରିଥିଲେ ।

*Puri/R*

## ୱାଚ୍ ଟାୱାର

ଶ୍ରୀମନ୍ଦିର ବାହାରେ ୱାଚ୍ ଟାୱାର ଲଗାଇବା ବିଷୟରେ ରାଜ୍ୟ ସରକାର ଚିନ୍ତା କରୁଛନ୍ତି ବୋଲି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି । ୱାଚ୍ ଟାୱାର ବସାଗଲେ ବେଆଇନ ଡ୍ରୋନ୍ ଉଡ଼ାଣ ଉପରେ ନଜର ରଖାଯିବା ସହ ଶ୍ରୀମନ୍ଦିର ସୁରକ୍ଷିତ ରହିପାରିବ । ସେହିପରି ଗର୍ଭଗୃହ ଫଟୋ ପ୍ରଘଟ ଘଟଣାର ତଦନ୍ତ ଜାରି ରହିଛି ଏବଂ ଦୋଷୀ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି ।

*Malkangiri/R*

## ବିଜ୍ଞାନଗାର ଉଦ୍‌ଘାଟିତ

ମାଲକାନଗିରି ଜିଲ୍ଲା ସଦର ମହକୁମାସ୍ଥିତ ନୋଡ଼ାଲ ମଧ୍ୟ ଇଂରାଜୀ ବିଦ୍ୟାଳୟରେ ଏକ ଖଗୋଳ ବିଜ୍ଞାନଗାର ଉଦ୍‌ଘାଟିତ ହୋଇଯାଇଛି । ନବରଙ୍ଗପୁର ସାଂସଦ ବଳଭଦ୍ର ମାଝୀ ଏହାକୁ ଉଦ୍‌ଘାଟନ କରିଛନ୍ତି । ଏଥିସହ ବିଜ୍ଞାନଗାରରେ ଥିବା ବିଭିନ୍ନ ଯନ୍ତ୍ରପାତିକୁ ମଧ୍ୟ ଶ୍ରୀ ମାଝୀ ବୁଲି ଦେଖିଥିଲେ । ଏହି ବିଜ୍ଞାନଗାର ମାଲକାନଗିରି ଜିଲ୍ଲାର ଛାତ୍ରଛାତ୍ରୀମାନଙ୍କ

ପାଇଁ ବିଜ୍ଞାନ ଶିକ୍ଷାକୁ ସହଜ କରିବ ବୋଲି ଅତିଥିମାନେ ଆଶାବ୍ୟକ୍ତ କରିଛନ୍ତି ।

***Jajpur/R***

## ବେଟି ବଚାଓ - ବେଟି ପଢ଼ାଓ

ଯାଜପୁର ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲ୍ଲା ପ୍ରଶାସନ ପକ୍ଷରୁ "ବେଟି ବଚାଓ - ବେଟି ପଢ଼ାଓ" ଯୋଜନାର ୧୦ ବର୍ଷ ପୂର୍ତ୍ତି ଉପଲକ୍ଷେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଦୃଢ଼ ଇଚ୍ଛାଶକ୍ତି ଏବଂ ପରିବାର ଓ ସମାଜର ସହଯୋଗଦ୍ୱାରା କନ୍ୟା ନିଜର ଅନ୍ତର୍ନିହିତ ଗୁଣାବଳୀର ବିକାଶ କରି ସାମାଜିକ ବିକାଶ କ୍ଷେତ୍ରରେ ନିଜୁକୁ ପ୍ରତିଷ୍ଠିତ କରିଥାଏ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ ।

***Kendrapara/R***

## ସାଧାରଣତନ୍ତ୍ର ଦିବସ - କମଳା ମହାରଣା

ଦିଲ୍ଲୀର କର୍ତ୍ତବ୍ୟପଥରେ ଅନୁଷ୍ଠିତ ହେବାକୁ ଥିବା ସାଧାରଣତନ୍ତ୍ର ଦିବସ କାର୍ଯ୍ୟକ୍ରମରେ କେନ୍ଦ୍ରାପଡ଼ା ଜିଲ୍ଲା ଗୁଲ୍‌ନଗର ପଞ୍ଚାୟତ ଅନ୍ତର୍ଗତ ଖଇରାବାଦ ଗ୍ରାମର କମଳା ମହାରଣା ଯୋଗଦେବେ । କେନ୍ଦ୍ର ସରକାରଙ୍କ ପ୍ରତିରକ୍ଷା

ବିଭାଗ ପକ୍ଷରୁ ତାଙ୍କୁ ନିମନ୍ତ୍ରଣ କରାଯାଇଛି । ବର୍ଜ୍ୟବସ୍ତୁରୁ ସଂଗୃହୀତ କଞ୍ଚାମାଲ୍‌ରେ ବିଭିନ୍ନ ଘରକରଣା ସାମଗ୍ରୀ ପ୍ରସ୍ତୁତି ପାଇଁ ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମନ୍ କୀ ବାତ୍ କାର୍ଯ୍ୟକ୍ରମରେ ତାଙ୍କ ପ୍ରଶଂସା କରିଥିଲେ । ଏଥିପାଇଁ କମଳା ମହାରଣା କେନ୍ଦ୍ର ସରକାରଙ୍କୁ ଧନ୍ୟବାଦ ଜଣାଇଛନ୍ତି ।

***Voice*** **:..........**

***Desk***

# ଭିତରକନିକା

କେନ୍ଦ୍ରାପଡାସ୍ଥିତ ଭିତରକନିକା ଜାତୀୟ ଉଦ୍ୟାନ ଆଜିଠାରୁ ପର୍ଯ୍ୟଟକଙ୍କ ପାଇଁ ଖୋଲିଛି । କୁମ୍ଭୀର ଗଣନା ପାଇଁ ଗତ ୧୪ ତାରିଖରୁ ଜାତୀୟ ଉଦ୍ୟାନକୁ ପର୍ଯ୍ୟଟକଙ୍କ ଲାଗି ବନ୍ଦଥିଲା । ସୂଚନା ଅନୁସାରେ ଭିତରକନିକାରେ ୧ହଜାର ୮୨୬ କୁମ୍ଭୀର ଥିବା ଗଣନାରୁ ଜଣାପଡ଼ିଛି । ଗତବର୍ଷ ଅପେକ୍ଷା ଚଳିତବର୍ଷ ୧୫ଟି କୁମ୍ଭୀର ଅଧିକ ଥିବା ଜଣାପଡିଛି ।

***Kalahandi/R***

# କୁଇଜ୍ ପ୍ରତିଯୋଗିତା

କଳାହାଣ୍ଡି ଜିଲ୍ଲା ଭବାନୀପାଟଣାସ୍ଥିତ କେନ୍ଦ୍ରୀୟ ବିଦ୍ୟାଳୟରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଓ ମହାନ୍ ବିପ୍ଳବୀ ବୀର ସୁରେନ୍ଦ୍ର ସାଏଙ୍କ ଜନ୍ମ ଜୟନ୍ତୀ ଅବସରରେ ଏକ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । କଳାହାଣ୍ଡି

ଜିଲ୍ଲାର ସମସ୍ତ ସି.ବି.ଏସ୍.ଇ. ସ୍କୁଲ୍, ସ୍ଥାନୀୟ ରାଜ୍ୟ ସରକାରୀ ସ୍କୁଲ୍ ଏବଂ ପିଏମ୍‌ଶ୍ରୀ ବିଦ୍ୟାଳୟରୁ ଶହେରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ । ଶେଷରେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା ।

***Desk***

## ହକି ଇଣ୍ଡିଆ ଲିଗ୍

ହକି ଇଣ୍ଡିଆ ଲିଗ୍ ପ୍ରତିଯୋଗିତାର ମହିଳା ବର୍ଗରେ ରାଞ୍ଚି ଜୟପାଲ ସିଂ ମୁଣ୍ଡା ଷ୍ଟାଡିୟମରେ ଓଡ଼ିଶା ୱାରିୟର୍ସ ଏବଂ ଦିଲ୍ଲୀ ଏସ୍.ଜି. ପାଇପର୍ସ ମଧ୍ୟରେ ମ୍ୟାଚ୍ ଜାରି ରହିଛି ।

ଅନ୍ୟ ଏକ ମ୍ୟାଚ୍‌ରେ ପୁରୁଷ ବର୍ଗରେ ରାଉରକେଲା ବିର୍ସା ମୁଣ୍ଡା ହକି ଷ୍ଟାଡିୟମରେ ରାତି ୮ଟା ୧୫ ମିନିଟ୍‌ରେ ତାମିଲନାଡୁ ଡ୍ରାଗନ୍ସ ଏବଂ ହାଇଦ୍ରାବାଦ ତୁଫାନ୍ସ ମଧ୍ୟରେ ମୁକାବିଲା ହେବ ।

***Desk***

## ପାଣିପାଗ

ରାଜ୍ୟରେ ପାଗ ମୁଖ୍ୟତଃ ଶୁଖିଲା ରହିଛି । ମଧ୍ୟରାତ୍ରରୁ ସକାଳ ମଧ୍ୟରେ କେତେକ ସ୍ଥାନରେ ସାମାନ୍ୟରୁ ମଧ୍ୟମ କୁହୁଡ଼ି ଅନୁଭୂତ ହେବା ନେଇ

ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ସୂଚନା ଦେଇଛି । ତେବେ ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା, ଭଦ୍ରକ, ବାଲେଶ୍ୱର, ଖୋର୍ଦ୍ଧା ଓ କଟକ ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ଘନକୁହୁଡ଼ିର ସମ୍ଭାବନା ନେଇ ପାଣିପାଗ ବିଭାଗ ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି ।

*****